# Akashvani, Sambalpur

## SAMBALPURI NEWS EVENING BULLETIN

## 24 January 2025- 7.02 pm- 7.12 pm.

*********************************************

୧- ପ୍ରଧାନ୍‌ମନ୍ତ୍ରୀ ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା ସମ୍ମିଳନୀଥି ଯୋଗ୍ ଦେବାର୍‌କେ ୨୮ ତାରିଖ୍ ଆସ୍‌ବେ ଓଡ଼ିଶା ।

୨- ବଜେଟ୍ ଲାଗି ଆଏବା ୩୧ ତାରିଖ୍‌ତକ୍ ଲୁକେ ଦେଇପାର୍‌ବେ ପ୍ରସ୍ତାବ୍ ।

- ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ୍ ଉତ୍‌ରୁ ସୂଚ୍‌ନା ଦେଲେ ମୁଖ୍ୟମନ୍ତ୍ରୀ ।

୩- ପୁରୀ ଜିଲ୍ଲାର୍ ଅର୍ଜୁନ୍ ସିଂପୁର୍ ଗାଁ ନ ମୁଲ୍ ହେଲା ପ୍ରଧାନ୍‌ମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜ୍‌ନାର୍ ସର୍ଭେ କାମ୍ ।

ଆଉର୍

୪- ସମୁଦ୍ରଖଁଡ଼ି ସୁରକ୍ଷା ଲାଗି ପୁଲିସ୍ ଆର୍ ତଟରକ୍ଷୀ ବାହିନୀ ଭିତ୍‌ରେ ସମନ୍ୱୟ ରଖିକରି କାମ୍ କର୍‌ବାର୍‌କେ ନିଷ୍ପତି ।

ପିଟିସ-ମୋଦି ଉତ୍କର୍ଷ ଓଡ଼ିଶା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ଜନତା ମଇଦାନ୍‌ଠାନେ ହେବାର୍‌କେ ଥିବା ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା ସମ୍ମିଳନୀଥି ଯୋଗ୍ ଦେବାର୍‌କେ ଓଡ଼ିଶା ଆସ୍‌ବେ । ପ୍ରଧାନମନ୍ତ୍ରୀ ଆଏବା ୨୮ ତାରିଖ ମଙ୍ଗଲବାର ସଖାଲର୍ ସାଢ଼େ ୧୦ ବଜେ ଭୁବନେଶ୍ୱର ବିମାନ୍ ବନ୍ଦର ନ ପୁହୁଁଚିବାର୍ ଉତ୍‌ର ଜନତା ମଇଦାନ୍‌କେ ଯିବେ ବଲି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ । ସମ୍ମିଲନୀଥି ଭିନ୍ ଭିନ୍ ଦେଶର୍ ୪ ହଜାର୍‌ନୁ ଅଏତ୍‌କା ଶିଳ୍ପୋଦ୍ୟୋଗୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ ରହିଛେ । ଓଡ଼ିଶାନ ଶିଳ୍ପ ପ୍ରତିଷ୍ଠା ଆଉ ପୁଞ୍ଜିନିବେଶ୍ କର୍‌ବାର୍ ଲାଗି ନିବେଶକ୍‌ମାନଙ୍କୁ ଆକୃଷ୍ଟ କର୍‌ବାର୍‌କେ ସରକାର ଇ ସମ୍ମିଳନୀ ଆୟୋଜନ୍ କରିଛନ୍ ।

ପ୍ରାକ୍ ବଜେଟ୍ ବୈଠକ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଆଘର୍ ଅର୍ଥମନ୍ତ୍ରୀ, ଅର୍ଥନୀତି

ବିଶେଷଜ୍ଞ ଆର୍ ବୁଦ୍ଧିଜୀବୀ ମାନେ ଯୋଗ୍ ଦେଇକରି ୨୦୨୫-୨୬ ଆର୍ଥିକ୍ ବଛ୍ରର୍ ପୂର୍ଣ୍ଣାଙ୍ଗ ବଜେଟ୍ ବାବ୍ଦେ ନିଜର୍ ନିଜର୍ ମତ ରଖିଛନ୍ । ବୈଠକ୍ ଉତ୍ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ବଜେଟ୍ ବନାବାର୍ ଲାଗି ରାଜ୍ୟବାସୀଙ୍କର୍ ମତାମତ ଠୋଲ୍ କରାଯାଉଛେ । ଆଏବା ୩୧ ତାରିଖ୍ତକ୍ ଲୁକେ ମତାମତ୍ ଦେଇପାର୍ବେ ।

(ଭଏସ୍ ଓଭର୍-୧- ମୁଖ୍ୟମନ୍ତ୍ରୀ)

ଆଝିରର୍ ବୈଠକ୍ଥି ବିଶେଷଜ୍ଞ ମାନ୍କର୍ଠାନୁ ବହୁତ୍ଟେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ମିଳିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ କହିଛନ୍, ଗଲା ବଛ୍ରେ ଭିତ୍ରେ ୨୦ ହଜାର୍ ନିଯୁକ୍ତି ଦିଆଯାଇଥିବାର୍ ବେଲେ ଇ ବଛର୍ ଆହୁରି ୨୦ ହଜାର୍ ନିଯୁକ୍ତି ଦିଆଯିବା । ଆଏବା ୨ ବଛର୍ ଭିତ୍ରେ ୬୫ ହଜାର୍ନୁ ଅଏତ୍କା ପଦ୍ବୀ ପୂରଣ୍ କରାଯିବା । ବଜେଟ୍ଥି ସାଧାରଣ୍ ଲୋକ୍ ଗରିବ୍ ମାନ୍କର୍ ଲାଗି ନୂଆଁ ଯୋଜ୍ନା ଆସ୍ବା ଆଉ ଶିଳ୍ପର୍ ବିକାଶ୍ ଲାଗି ବାଟ୍ ଦେଖାବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ପିଏମ୍ ଆବାସ ଗ୍ରାମୀଣ I&PR

ପ୍ରଧାନ୍ମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜ୍ନାଥି ଦେଶେ ନୂଆଁ ହିତାଧିକାରୀମାନ୍କୁ ବାଛ୍ବାର୍ ଲାଗି ଆବାସ ପ୍ଲସ୍ ମୋବାଇଲ୍

ଆପ୍‌ଥି  ସର୍ଭେ କାମ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ରାଜ୍ୟ ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍‌ର ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆଏଜ୍ ପୁରୀ ଜିଲ୍ଲାର୍ ପିପିଲି ବ୍ଲକ୍ ଅର୍ଜୁନ୍‌ସିଂପୁର୍ ଗାଁ ନ ସର୍ଭେ କାମ୍‌ର ଶୁଭାରମ୍ଭ କରିକରି ୫ ଜନ୍ ହିତାଧିକାରୀଙ୍କୁ ଆବାସ ତାଲିକାଥି ସାମିଲ୍ କରିଛନ୍ । ଇ ଯୋଜ୍‌ନାଥି ରାଜ୍ୟର୍ ସବୁ ଗରିବ୍ ଆର୍ ଘର୍ ନାଇଁ ଥିବାର୍ ଲୁକ୍‌କୁ ଘର୍ ଦିଆଯିବା ବଲି ମନ୍ତ୍ରୀ କହିଛନ୍ ।

ଆଶାୟୀ ହିତାଧିକାରୀମାନେ ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ପାଏବାର୍ ଲାଗି ଟେଲିଫୋନ୍ ନମ୍ବର୍ ୦୬୭୪-୬୮୧-୭୭୭୭ ଆର୍ ବିଭାଗ୍‌ର ୱେବ୍‌ସାଇଟ୍‌ଥି ଯୋଗାଯୋଗ କରିପାର୍‌ବେ ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସାଧାରଣତନ୍ତ୍ର ଦିବସ ପରେଡ୍ ନିମନ୍ତ୍ରଣ   ଆର୍‌ଏନ୍‌ୟୁ /ସମ୍ବଲପୁର

ନୂଆଦିଲ୍ଲୀ ଠାନେ ହେବାର୍‌କେ ଥିବା ସାଧାରଣତନ୍ତ୍ର ଦିବସ୍ ସମାରୋହଥି ଯୋଗ୍ ଦେବାର୍‌କେ ଦେଶର୍ ଭିନ୍ ଭିନ୍ କ୍ଷେତ୍ରଥି ଉଲ୍ଲେଖନୀୟ କାମ୍ କରିଥିବା ଲୁକ୍‌କୁ ନିମନ୍ତ୍ରଣ୍ କରାଯାଇଛେ । ସମାରୋହଥି ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍ ଭେଲା ଗାଁର୍ ବିମଲ୍ ଯୋଷୀଙ୍କୁ ନିମନ୍ତ୍ରିତ୍ ଅତିଥି ଭାବେ ଯୋଗ୍ ଦେବାର୍‌କେ

ସୁଯୋଗ୍ ମିଲିଛେ । ନିଜର୍ ଇଲାକା ନ ପିଇବାର୍ ପାଏନ୍ ଆର୍ ସ୍ୱଚ୍ଛତା ଦିଗେ ବଢ଼ିଆଁ କାମ୍ କରିଥିବାର୍‌ନୁ ଶ୍ରୀ ଯୋଷୀ ଙ୍କୁ ଇ ନିଉତା ମିଲିଛେ । ଇ ବାବ୍‌ଦେ ଶ୍ରୀ ଯୋଷୀ ଆକାଶ୍‌ବାଣୀକେ କହିଛନ୍...

(ଭଏସ୍ ଓଭର୍- ବିମଲ୍ ଯୋଷୀ)

ଭାରତ୍-ଇଂଲଣ୍ଡ ମେଚ୍- ଟିକେଟ୍ ବିକ୍ରି ଆର୍‌ଏନ୍‌ୟୁ/ କଟକ୍

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଆଏବା ୯ ତାରିଖ୍ ହେବାର୍‌କେ ଥିବା ଭାରତ୍ - ଇଂଲଣ୍ଡ୍ ଦିନ୍‌ରାଏତ୍ ମେଚ୍ ଲାଗି ଆଏବା ୨ ତାରିଖ୍‌ନୁ ଅନ୍‌ଲାଇନ୍ ଟିକେଟ୍ ବିକ୍ରି ମୁଲ୍ ହେବା । ଅନ୍‌ଲାଇନ୍‌ଥି ୪ ହଜାର୍ ଟିକେଟ୍ ବିକ୍ରି ହେବା । ସେନ୍ତା ୫ ଆର୍ ୬ ତାରିଖ୍ କାଉଂଟର୍ ନ ଟିକେଟ୍ ବିକ୍ରି ମୁଲ୍ ହେବା ବଲି କ୍ରୀଡ଼ା ଆଉ ଯୁବବ୍ୟାପାର୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସୂଚ୍‌ନା ଦେଇଛନ୍ ।

ପୁଲିସ୍ ଡିଜି-ତଟରକ୍ଷୀ ବାହିନୀ I&PR

ରାଜ୍ୟର୍ ୪ ଶହ ୮୦ କିଲୋମିଟର୍ ଲମ୍ବା ଉପକୂଳର୍ ସୁରକ୍ଷାକେ ନେଇକରି ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ପୁଲିସ୍ ମହାନିର୍ଦ୍ଦେଶକଙ୍କର୍ କେମ୍ପ୍ କାର୍ଯ୍ୟାଳୟ ନ ଗୁଟେ ଗୁରୁତ୍ୱପୂର୍ଣ୍ଣ

ବୈଠକ୍ ହେଇଯାଇଛେ । ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍ ନ ପୂର୍ବସମୁଦ୍ରତଟର କୋଷ୍ଟଗାର୍ଡ୍ କମାଣ୍ଡର୍ ଏଡିଜି ଡନି ମିଚେଲ୍ ଯୋଗ୍ ଦେଇକରି ଆଧୁନିକ୍ ଜ୍ଞାନ୍ କୌଶଲ୍‌ର ବେଭାର୍ କରିକରି ସମୁଦ୍ରଖଁଡ଼ିର୍ ସୁରକ୍ଷା ଆର୍ ପ୍ରାକୃତିକ ବିପର୍ଯ୍ୟୟ ସମିଆଥି ନିଆଯାଉଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରିଥିଲେ । ଇତାର୍‌ସହେତେ ଆଏବା ଦିନେ ଅନୁପ୍ରବେଶ୍ ରୁକ୍‌ବାର୍ ସହେତେ ସମୁଦ୍ରଖଁଡ଼ିର୍ ସୁରକ୍ଷା ଲାଗି ପୁଲିସ୍ ଆର୍ ତଟରକ୍ଷୀ ବାହିନୀ ଭିତ୍‌ରେ ସମନ୍ୱୟ ରଖିକରି କାମ୍ କର୍‌ବାର୍ ଲାଗି ବୈଠକ୍‌ଥି ନିଷ୍ପତି ନିଆଯାଇଥିଲା ।

ଜାତୀୟ କନ୍ୟା ସନ୍ତାନ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର/ଏକ୍ସ

ଟୁକେଲ୍ ଛୁଆମାନ୍‌କୁ ସଶକ୍ତ କର୍‌ବାର୍ ସହେତେ ଶିକ୍ଷା, ସ୍ୱାସ୍ଥ୍ୟନୁ ନେଇକରି ଲିଙ୍ଗଗତ ଭେଦଭାବ ଦୂର୍ କର୍‌ବାର୍ ଲାଗି ଆଏଜ୍ ଜାତୀୟ କନ୍ୟା ସନ୍ତାନ ଦିବସ ପାଲନ୍ କରାଯାଉଛେ । ଇ ଅବ୍‌ସରେ ରାଜ୍ୟ ଆର୍ ଜିଲ୍ଲାସ୍ତର୍‌ଥି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ କରାଯାଉଛେ ।

ଟୁକେଲ୍ ଛୁଆମାନ୍‌କୁ ସଶକ୍ତ କର୍‌ବାର୍, ଉତମ୍ ଶିକ୍ଷା, ପ୍ରଯୁକ୍ତି ବିଦ୍ୟା, ଦକ୍ଷତା ଆର୍ ସ୍ୱାସ୍ଥ୍ୟସେବା ଯୁଗାବାର୍ ଦିଗେ ଜାତୀୟ ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରଣାଳୟ ତର୍‌ଫୁ ୨୦୦୮

ମସିହାନୁ ଜାତୀୟ ଶିଶୁ କନ୍ୟା ଦିବସ୍ ପାଲନ୍ କରାଯାଉଛେ । ସବୁ କ୍ଷେତ୍ରଥି ଟୁକେଲ୍ ମାନ୍‌କର୍ ସଫଲତା ଲାଗି ଦେଶ୍ ଆଏଜ୍ ଗର୍ବିତ୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ୍ ଗଣମାଧମ୍ ଜରିଏ ଶୁଭେଚ୍ଛା ବାର୍ତାଥି କହିଛନ୍ ।

ସେନ୍ତା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଝିଅମାନ୍‌କର୍ ଶକ୍ତି, ସପନ୍ ଆର୍ ସଫଲତାକେ ସୁର୍‌ତା କର୍‌ବାର୍ ଲାଗି ଆଏଜ୍ ଖାସ୍ ଦିନ୍ ଆଏ ବଲି କହିଛନ୍ । ସଭେ ଏକ୍ ହେଇକରି ଟୁକେଲ୍‌ମାନ୍‌କର୍ ଉନ୍ନତି ଦିଗେ କାମ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ୍ ଦେଇଛନ୍ ।

ଇ ଅବ୍‌ସରେ ଶୁଭେଚ୍ଛା ଜନେଇକରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍, ଫି’ ଟୁକେଲ୍ ଝନେ ଝନେ ପରିବର୍ତନ୍‌ର ବାହକ୍ ଆନ୍ । ସେମାନ୍‌କୁ ସଶକ୍ତ କର୍‌ବାର୍ ଲାଗି ସବୁ ବାଧାକେ ଦୂର୍ କର୍‌ବାର୍‌କେ ପଡ଼୍‌ବା ବଲି ଶ୍ରୀ ପ୍ରଧାନ୍ ତାଙ୍କର୍ ବାର୍ତାଥି କହିଛନ୍ ।

କନ୍ୟାସନ୍ତାନ ଦିବସ୍- ୧ ବୌଦ୍ଧ/ ଦେବ୍‌ଗଡ଼୍

ଇ ଅବ୍‌ସରେ ବୌଦ୍ଧ ଟାଉନ୍ ହଲ୍ ଠାନେ ଜିଲ୍ଲା ପ୍ରଶାସନ୍, ସମଗ୍ର ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗ୍ ଆଉ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ଶିଶୁ କନ୍ୟା ଦିବସ୍ ଆର୍ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇଥି ସର୍‌କାରୀ ଦଲର୍

ମୁଖ୍ୟ ସଚେତକ୍ ଆର୍ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍, ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା, ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ଯୋଗ୍ ଦେଇକରି ଟୁକେଲ୍ ଛୁଆମାନ୍କର୍ ସୁରକ୍ଷା ବାବ୍ଦେ ସଚେତନ୍ ହେବାର୍କେ ପରାମର୍ଶ ଦେଇଛନ୍ ।

ସେନ୍ତା ଦେବ୍ଗଡ଼୍ ଠାନେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ୍ ତର୍ଫୁ ଜାତୀୟ ଶିଶୁ କନ୍ୟା ଦିବସ୍ ଆଉ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ୍ ହେଇଯାଇଛେ । ଦେବ୍ଗଡ଼୍ ବିଧାୟକ୍ ରାମାଂଚ ରଞ୍ଜନ୍ ବିଶ୍ୱାଲ୍ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍ର ଶୁଭାରମ୍ଭ କରିଥିଲେ ।

ବକ୍ସି ଜଗବନ୍ଧୁ- ଶ୍ରାଦ୍ଧଦିବସ୍ I&PR

ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କର୍ ପୂଣ୍ୟତିଥି ନ ଆଏଜ୍ ଭୁବ୍ନେଶ୍ୱର୍ର ମ୍ୟୁଜିୟମ୍ ଛକ୍ ଠାନେ ତାଙ୍କର୍ ପ୍ରତିମୂର୍ତିଥି ଭିନ୍ ଭିନ୍ ବର୍ଗର୍ ଲୁକେ ଫୁଲ୍ମାଲା ଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପାଇକ ବିଦ୍ରୋହର୍ ମେରୁଖୁମ୍ ବକ୍ସି ଜଗବନ୍ଧୁଙ୍କର୍ ବୀରତାର୍ କଥା ସମ୍କର୍ ଲାଗି ପ୍ରେରଣା ହେଇକରି ରହେବା ବଲି ସାମାଜିକ୍ ଗଣମାଧ୍ୟମ୍ଥି କହିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଆଏଜ୍ ସଞ୍ଜ୍ବେଲେ ଜୟଦେବ୍ ଭବନ୍ ଠାନେ ଗୁଟେ ସାଧାରଣ୍ ସଭା ହେଉଛେ । ଇଥି

ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇଛନ୍ ।

ଜନଜାତି ଯୁବ ଆଦାନ୍ ପ୍ରଦାନ୍ କାର୍ଯ୍ୟକ୍ରମ୍ କଲାହାଣ୍ଡି

ନେହେରୁ ଯୁବ କେନ୍ଦ୍ର -କଲାହାଣ୍ଡି ଶାଖା ଆର୍ ସିଆର୍‌ପିଏଫ୍‌ର ୬୪ ବାଟାଲିୟନ୍ ତର୍‌ଫୁ ୧୬ ନମ୍ବର୍ ଜନଜାତି ଯୁବ ଆଦାନ୍ ପ୍ରଦାନ୍ କାର୍ଯ୍ୟକ୍ରମ୍ ଯାତ୍ରାର୍ ୮ ନମ୍ବର୍ ଖେପ୍ ମୁଲ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି କଲାହାଣ୍ଡି ଜିଲ୍ଲାର୍ ମଦନ୍‌ପୁର୍ ରାମ୍‌ପୁର୍ ବ୍ଲକ୍‌ର ମାଓପ୍ରବଣ୍ ଆଉ ଆଦିବାସୀ ଇଲାକା ନୁ ୬୦ ଝନ୍ ଯୁଆନ୍ ପିଲାଟୁକେଲ୍ ଭୁବ୍‌ନେଶ୍ୱର୍ ଯାଇଛନ୍ । ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍‌ଠାନୁ ୩୧ ତାରିଖ୍‌ତକ୍ ଗୁଟେ ଖାସ୍ ଶିବିର ଆୟୋଜନ୍ କରାଯାଇଛେ ।

ଲାଲ୍‌ମନୀ କ୍ରିକେଟ୍ ଟୁର୍ଣ୍ଣାମେଂଟ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୋନ୍‌ପୁର୍ ଗାନ୍ଧୀ ପଡ଼ିଆ ଠାନେ ଚାଲିଥିବା ସର୍ବଭାରତୀୟ ଲାଲ୍‌ମନୀ କ୍ରିକେଟ୍ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍ ଏନ୍‌ସିଏ ଭାଇଜାଗ୍ ଦଲ୍ ଡିଏସ୍‌ସି ନୂଆଦିଲ୍ଲୀ ଦଲ୍‌କେ ୪ ୱିକେଟ୍‌ଥି ହରେଇକରି ସେମିଫାଇନାଲ୍‌କେ ଯାଇଛେ । ଆଏବା

କାଏଲ୍ ଏନ୍‌ସିଏ ଭାଇଜାଗ୍  ଆର୍ ଭୁବ୍‌ନେଶ୍ୱର୍ ବାପୁଜୀ କ୍ଲବ୍ ଭିତ୍‌ରେ ୨ ନମ୍ୱର୍ ସେମିଫାଇନାଲ୍ ମେଚ୍ ହେବା ।

ଭୋଟର୍ ସଚେତନତା ଶପଥ୍ ପାଠ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ସଦ୍‌ଭାବନା ଗୃହ ନ ଭୋଟର୍ ସଚେତନତା ବାବ୍‌ଦେ ଶପଥ୍ ପାଠ୍ ଉତ୍ସବ୍ ହେଇଯାଇଛେ । ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଅଧ୍ୟକ୍ଷତା କରିକରି ଭୋଟର୍ ସଚେତନତା ଲାଗି କର୍ମଚାରୀମାନ୍‌କୁ ଶପଥ୍ ପାଠ୍ କରେଇଥିଲେ ।

ହକି ଇଣ୍ଡିଆ ଲିଗ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗଥି ଆଏଜ୍ ସଞ୍ଝର୍ ୬ ବଜେନୁ ସୁର୍‌ମା ହକି କ୍ଲବ୍ ଆର୍ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଭିତ୍‌ରେ ମେଚ୍ ଚାଲିଛେ ।

ସେଆଡ଼େ ପୁରୁଷ ବର୍ଗଥି ଆଏଜ୍ ରାତି ୮ ବାଜିକରି ୧୫ ମିନିଟ୍‌ଥି  ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଆର୍ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଭିତ୍‌ରେ ମେଚ୍ ହେବା । ଦୁହି ମେଚ୍ ରାଂଚି ଠାନେ ହେବା ।